# କୃଷି ଆଇନରେ ରୋକ୍





- **ବିବାଦର ସମାଧାନ ପାଇଁ ୪ ଜଣିଆ କମିଟି ଗଠିତ**
- **୨ ମାସରେ ରିପୋର୍ଟ**
- **କମିଟିକୁ କୃଷକ ସଂଗଠନର ବିରୋଧ**

**ନୂଆଦିଲ୍ଲୀ,୧୨।୧/ଏଜେନ୍ସି:**

କେନ୍ଦ୍ର ସରକାରଙ୍କ ବିବାଦୀୟ ତିନି କୃଷି ଆଇନର କାର୍ଯ୍ୟକାରିତା ଉପରେ ସୁପ୍ରିମକୋର୍ଟ ମଙ୍ଗଳବାର ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ରୋକ୍ ଲଗାଇ ଏହାର ଅନୁଧ୍ୟାନ ପାଇଁ ଏକ ୪ ଜଣିଆ ବିଶେଷଜ୍ଞ କମିଟି ଗଠନ କରିଛନ୍ତି । ଏହି ନୂଆ କୃଷି ଆଇନକୁ ବିରୋଧ କରି ମାସାଧିକ କାଳ ଆନ୍ଦୋଳନ ଚଳାଇଥିବା କୃଷକ ନେତାମାନଙ୍କ ସହ ଆଲୋଚନା କରି କିଭଳି ସମସ୍ୟାର ସମାଧାନ କରାଯାଇପାରିବ ସେ ସମ୍ପର୍କରେ ୨ ମାସ ମଧ୍ୟରେ ପ୍ରସ୍ତାବ ଦେବା ଲାଗି ସୁପ୍ରିମକୋର୍ଟ ଏହି ୪ ଜଣିଆ ବିଶେଷଜ୍ଞ କମିଟିକୁ କହିଛନ୍ତି । କମିଟିର ସଦସ୍ୟମାନେ ହେଲେ ଭାରତୀୟ କିଷାନ ୟୁନିୟନର ଭୂପିନ୍ଦର ସିଂ ମାନ୍, କ୍ଷେତକାରୀ ସଂଗଠନର ଅନିଲ ଘନୱାତ, ଡକ୍ଟର ପ୍ରମୋଦ କୁମାର ଯୋଶୀ ଓ କୃଷି ଅର୍ଥନୀତିଜ୍ଞ ଅଶୋକ ଗୁଲାଟି । ଏଥିପୂର୍ବରୁ ସୁପ୍ରିମକୋର୍ଟ କହିଥିଲେ, ଉତ୍ତମପନ୍ଥାରେ ଏହି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯାଉଛି ଏବଂ ନୂଆ କୃଷି ଆଇନକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖିବା ନିମନ୍ତେ କୋର୍ଟଙ୍କ କ୍ଷମତା ରହିଛି ।

ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଏସ୍ ଏ ବୋବଡେ, ଜଷ୍ଟିସ ଏ ଏସ୍ ବୋପାନ୍ନା ଓ ଜଷ୍ଟିସ ଭି. ରାମାସୁବ୍ରମଣିୟନ୍‌ଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ନୂଆ କୃଷି ଆଇନକୁ ଚ୍ୟାଲେଞ୍ଜ କରି ଆଗତ ଏକାଧିକ ଆବେଦନ ଉପରେ ରୁଲିଂ ଦେଇ କହିଛନ୍ତି, ଏହା ଜୀବନ ମରଣର ବିଷୟ । ଆମେ ଆଇନ ସମ୍ପର୍କରେ ଚିନ୍ତିତ । ଏଥିସହ କୃଷକଙ୍କ ଆନ୍ଦୋଳନ ଯୋଗୁ ଯେଭଳି ଧନଜୀବନ ପ୍ରଭାବିତ ହେଉଛି ସେଥିପାଇଁ ମଧ୍ୟ ଆମେ ଉଦ୍‌ବିଗ୍ନ । ତେଣୁ ଏହାର ସମାଧାନ ଲାଗି ବିହିତ ପଦକ୍ଷେପ ନିଆଯାଉଛି । ସର୍ବୋଚ୍ଚ ଅଦାଲତ ଏହି ଅବସରରେ କୃଷକ ସଂଗଠନ ଏବଂ ଦିଲ୍ଲୀ ପୁଲିସକୁ ଜାନୁଆରୀ ୨୬ ସାଧାରଣତନ୍ତ୍ର ଦିବସରେ ହେବାକୁ ଥିବା ଟ୍ରାକ୍ଟର ପରେଡ୍‌କୁ ବନ୍ଦ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

ଶୁଣାଣି ସମୟରେ ଆଟର୍ଣ୍ଣି ଜେନେରାଲ ଅଭିଯୋଗ କରିଥିଲେ ଯେ ଚାଲିଥିବା କୃଷକ ଆନ୍ଦୋଳନ ପଛରେ ଖଲିସ୍ତାନୀ ସମର୍ଥକଙ୍କ ହାତ ରହିଛି । ଏହି ସମୟରେ ପ୍ରଧାନମନ୍ତ୍ରୀ ବିଚାରପତି ଜଷ୍ଟିସ ବୋବଡେ କହିଲେ, ଏହାର ପ୍ରମାଣ ଦେବାକୁ ପଡିବ । ବୁଧବାର ସୁଦ୍ଧା ସତ୍ୟପାଠ ଦାଖଲ କରିବାକୁ ସେ

▶▶ ୭